## ଟାଟା ଟି ଇଣ୍ଟର ମିଲାନ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ରାକେଶ, ପ୍ରକାଶ ଶ୍ରେଷ୍ଠ ପ୍ରତିଭା



ପୁରସ୍କାର ସହ ଅତିଥିଙ୍କ ଗହଣରେ ରନର୍ସ ଅପ୍ କଟକ ଦଳ ।

ଭୁବନେଶ୍ୱର, ୨୯।୧୨ (କ୍ରୀଡ଼ା ପ୍ରତିନିଧି)–ଇଟାଲୀର ଇଣ୍ଟର ମିଲାନ କ୍ଲବ ସହ ଖେଳିବା ପାଇଁ ଟାଟା ଟି ପକ୍ଷରୁ କରାଯାଇଥିବା ୧୪ବର୍ଷରୁ କମ୍ ସର୍ବଭାରତୀୟ ପ୍ରତିଭା ଅନ୍ୱେଷଣ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସମ୍ବଲପୁରର ଟାଉନ୍ ହାଇସ୍କୁଲ ୩–୧ ଟାଇବ୍ରେକର ଗୋଲରେ କଟକ ସୟେଦ୍ ସେମିନାରୀ ହାଇସ୍କୁଲକୁ ହରାଇ ଚାମ୍ପିୟନ୍ ହୋଇଛି । ପ୍ରଖ୍ୟାତ ଫୁଟବଲ ଖେଳାଳି ମହମ୍ମଦ ନାସିରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରୁ ସମ୍ବଲପୁର ଟାଉନ୍ ହାଇସ୍କୁଲର ରାକେଶ ଓରାମ ଏବଂ କଟକ ପ୍ୟାରୀମୋହନ ଏକାଡେମୀର ପ୍ରକାଶ ନାୟକଙ୍କୁ ଶ୍ରେଷ୍ଠ ପ୍ରତିଭା ଭାବେ ଚିହ୍ନଟ କରାଯାଇଛି । ଏହି ଦୁଇ ଖେଳାଳି ଭାରତର ଅନ୍ୟପ୍ରାନ୍ତରୁ ଚିହ୍ନଟ ହୋଇଥିବା ୧୪ ଜଣ ଖେଳାଳିଙ୍କ ସହ ମିଶି ଇଣ୍ଟର ମିଲାନର ଯୁବ ଦଳ ସହ ମ୍ୟାଚ୍ ଖେଳିବେ । ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ୩୪ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପ୍ରତ୍ୟେକ ଦଳରେ ୭ଜଣ ଲେଖାଏଁ ଖେଳାଳିଙ୍କୁ ୧୫ ମିନିଟ ମ୍ୟାଚ୍ ଖେଳାଯାଇ ପ୍ରତିଭା ଚିହ୍ନଟ କରାଯାଇଥିଲା । ମ୍ୟାଚ୍ ଗୁଡିକୁ ରେଫରି ଶଙ୍କର୍ଷଣ ଜେନା, ପ୍ରକାଶ ଦାସ, ମହେଶ୍ୱର ସିଂ, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ବେହେରା, ଶେଖାଓ୍ୱତ ଖାନ୍, କ୍ଷୀରୋଦ ଦାସ, ସରୋଜ ମହାରଣା ପ୍ରମୁଖ ପରିଚାଳନା କରିଥିଲେ । ଖେଳ ଶେଷରେ ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲେଣ୍ଟିନା ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ ।